FirstRanker.com
Firstranker's choice
www.FirstRanker.com www.FirstRanker.com

**This Question Paper consists of 25 questions and 7 printed pages.**

ଏହି ପ୍ରଶ୍ନପତ୍ରରେ ମୋଟ 25 ଟି ପ୍ରଶ୍ନ ଅଛି ଏବଂ 7 ମୁଦ୍ରିତ ପୃଷ୍ଠା ଅଛି ।

**Roll No.** ରୋଲ୍ ନମ୍ବର | | | | | | | | | | | | |

**Code No. 53/S/O/OR**
କୋଡ୍ ନମ୍ବର
**Set - A**

# ODIA
# (ଓଡ଼ିଆ)
# (233)

**Day and Date of Examination**
ପରୀକ୍ଷାର ଦିନାଙ୍କ ଓ ତାରିଖ ____________________

**Signature of Invigilators**
ନିରୀକ୍ଷକଙ୍କ ସ୍ୱାକ୍ଷର **1.** ____________________

**2.** ____________________

ସାଧାରଣ ନିର୍ଦ୍ଦେଶାବଳୀ :

**1** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କିନାହିଁ ଦେଖି ନିଅନ୍ତୁ ।

**3** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6** ପ୍ରଶ୍ନପତ୍ରର କୋଡ଼ ନମ୍ବର **53/S/O/OR-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।



www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

# ODIA

## (ଓଡ଼ିଆ)

## (233)

ସମୟ : 3 ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : 100

ନୋଟ୍ : (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ୍) ସୂଚିତ ହୋଇଛି ।

**1** ସନ୍ଧି ବିଚ୍ଛେଦ କର : (2 ଟିର) **3**

ମଧୁକ୍ତି, ସଦିଚ୍ଛା, ସନ୍ତାନ, ନିର୍ଦ୍ଧନ ।

**2** ପରୋକ୍ଷୋକ୍ତିରେ ପରିଣତ କର : **1**

ପିଲାଟି କହିଲା "ଫୁଲଟି କେତେ ସୁନ୍ଦର" ।

**3** ନିମ୍ନଲିଖିତ ବାକ୍ୟ ଗୁଡ଼ିକ ମଧ୍ୟରୁ କେଉଁଟି ସରଳ ବାକ୍ୟ, କେଉଁଟି ଜଟିଳ ବାକ୍ୟ ଓ କେଉଁଟି ଯୌଗିକ ବାକ୍ୟ ଚିହ୍ନାଇ ଦିଅ : **3**

(କ) ମହାବାତ୍ୟାରେ ଓଡ଼ିଶାର ବହୁ ଧନଜୀବନ ନଷ୍ଟ ହେଲା ।

(ଖ) ଯେତେବେଳେ ସନ୍ଧ୍ୟା ହେଲା, ସେତେବେଳେ ପକ୍ଷୀମାନେ ନୀଡ଼କୁ ଫେରି ଆସିଲେ ।

(ଗ) ଛାତ୍ରମାନେ ପରିଶ୍ରମ କରନ୍ତି ଓ ପରୀକ୍ଷାରେ କୃତ କାର୍ଯ୍ୟ ହୁଅନ୍ତି ।



www.FirstRanker.com

FirstRanker.com
Firstranker's choice


4 ଏକ ପଦରେ ପ୍ରକାଶ କର : 1

ଜୀବନଥିବା ପର୍ଯ୍ୟନ୍ତ, ଯାହା ପୂଜାର ଯୋଗ୍ୟ ।

5 ବିପରୀତାର୍ଥ ବୋଧକ ଶବ୍ଦ ଲେଖ : (4 ଟିର) 2

ପ୍ରସନ୍ନ, ଉନ୍ନତ, ମଇଳା, ସୂକ୍ଷ୍ମ, ଧର୍ମ ।

6 ରୂଢ଼ି ମାନଙ୍କର ଅର୍ଥ ଲେଖ : (3 ଟିର) 3

(i) ଅଣ୍ଟି ଛୁରୀ ତଣ୍ଟି କାଟେ (ii) ଚାଲିଲା ଶଗଡ଼ରେ ହାତଦେବା

(iii) ଏକା ମାଘକେ ଶୀତ ଯାଏନି (iv) ଓଟ ମୁହଁରେ ଜିରା ।

7 ନିମ୍ନଲିଖିତ ସମୋଚାରିତ ଶବ୍ଦର ଅର୍ଥ ଲେଖ : 2

ଗୁଣି - ଗୁଣୀ, ଲକ୍ଷ - ଲକ୍ଷ୍ୟ ।

8 ନିମ୍ନ ପ୍ରତ୍ୟୟ ଗୁଡ଼ିକ ମଧ୍ୟରୁ ଯେ କୌଣସି 3 ଟି ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : 3

ଆଳୁ, ର, ତନ୍, ଇନ୍, ତା ।

9 ଭାରତର ପ୍ରଥମ ଉପଗ୍ରହ ଏସ.ଏଲ.ଭି. 3 ର ପ୍ରକଳ୍ପରୁ କ'ଣ ଉତ୍କ୍ଷେପଣ କରା ଯାଇଥିଲା ? 1
(ଠିକ ଉତ୍ତର ବାଛି ଲେଖ ।)

(i) ଅଗ୍ନି (ii) ରୋହିଣୀ

(iii) ପରମାଣୁପରୀକ୍ଷା (iv) ଅଙ୍ଗାରକ-ଅଙ୍ଗାରକ ।

FirstRanker.com
Firstranker's choice
www.FirstRanker.com www.FirstRanker.com

10 ଶୁଦ୍ଧ ରୂପ ଲେଖ : (2 ଟିର) 2

ଉଜ୍ଜ୍ୱଳ, ଦୁରାବସ୍ଥା, ଦିଗାମ୍ବର, ପ୍ରତ୍ୟହ ।

11 ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର : 1

ବିଲଙ୍କା ଦେଶର ରାଜା .................. ଙ୍କ ପାଦ ପୂଜା କଲେ ।

[ ଅଗସ୍ତି, ଯୁଧିଷ୍ଠିର, ଇନ୍ଦ୍ର ]

12 'କ' ସ୍ତମ୍ଭରୁ ଶବ୍ଦ ବାଛି 'ଖ' ସ୍ତମ୍ଭ ସହ ମିଳାଅ : (3 ଟିର) 3

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପୋଥି | ମାଳ |
| ଚିତା | ରଜତ |
| ତୋଟା | ପତର |
| ଜଳ | ନାହା |
| ପ୍ରାଣ | କାଠି |

13 'ଆକାଶ' ଶବ୍ଦର ଦୁଇଟି ଅର୍ଥ ଲେଖ । 1

14 'ସରସ' ପରି ଆଉ ଦୁଇଟି ଶବ୍ଦ ଲେଖ । 2

15 ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଗଦ୍ୟ ରୂପ ଲେଖ : (2 ଟିର) 1

ସୁମରିଲେ, ଶବଦ, ଜନମ, ଉତପତ୍ତି ।



www.FirstRanker.com

**16** ନିମ୍ନଲିଖିତ ଶବ୍ଦ ମାନଙ୍କର ପ୍ରଚଳିତ ରୂପ ଲେଖ : (2 ଟିର) **1**

ଦିବାନ, ଆଗ୍ୟାଂ, ଦିଲେ ।

**17** ବନ୍ଧନୀ ମଧ୍ୟରୁ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର : **1**

ବୀଣାଦେବୀ ........................ ଧୋଉଥିଲେ । (ଲୁଗାପଟା, ରୋଷେଇ ଘର, ନଳା)

**18** ନିମ୍ନ ଶବ୍ଦଟି କେଉଁ ପ୍ରକାର ପଦ । ବଂଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଲେଖ : **1**

କଳୁଷିତ (ବିଶେଷ୍ୟ, ବେଶେଷଣ)

**19** ସଂକ୍ଷେପରେ ଉତ୍ତର ଦିଅ : (6 ଟିର) $1\frac{1}{2}\times 6 = 9$

(କ) ନିଷ୍ଠୁର ସଂସାରକୁ ବାହୁଡିବାରେ ତାଙ୍କର ଇଛା ବା ଅନିଛା ପ୍ରକାଶିତ ହୋଇଛି ଓ କାହିଁକି ?

(ଖ) କେଉଁ ସ୍ଥାନକୁ ଉତ୍କଳ ଲକ୍ଷ୍ମୀଙ୍କର ବାସଗୃହ ରୂପେ ଗ୍ରହଣ କରାଯାଇଛି ?

(ଗ) ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା ସଂପର୍କରେ କିଏ କାହା ଆଗରେ ବର୍ଣ୍ଣନା କରିଛନ୍ତି ?

(ଘ) ଗାଢ଼ ଅନ୍ଧକାରକୁ କବି କାହା ସହିତ ତୁଳନା କରିଛନ୍ତି ?

(ଙ) ଗାଆଁର ଲୋକ ଗାଆଁ ଛାଡ଼ି ଦୂର ବିଦେଶକୁ ଯିବାପାଇଁ କାହିଁକି ବାଧ୍ୟ ହୁଅନ୍ତି ?

(ଚ) ଇନ୍ଦ୍ର କୁକୁରକୁ ପୁଷ୍ପକ ବିମାନରେ ବସାଇ ଦେବେ ନାହିଁ ଶୁଣି ଯୁଧିଷ୍ଠିର କ'ଣ କହିଲେ ?

(ଛ) ମାନବ ଶରୀର ଯେଉଁ ପଞ୍ଚ ମହାଭୂତ ଦ୍ୱାରା ଗଠିତ ଓ ପରିଚାଳିତ ତାହାର ନାମ କ'ଣ ?

FirstRanker.com
Firstranker's choice
www.FirstRanker.com www.FirstRanker.com

**20** ସଂକ୍ଷେପରେ ଯେ କୌଣସି 3 ଟି ପ୍ରଶ୍ନର ଉତ୍ତର ଦିଅ : **3×3=9**

(i) ହିନ୍ଦୁଧର୍ମର ଶାସ୍ତ୍ର ଗୁଡ଼ିକର ନାମ ଲେଖ ।

(ii) ବିମ୍ବିସାରଙ୍କୁ କ୍ଷୀଣ ଆଲୋକ ରେଖା କିପରି ବୋଧ ହେଉଛି ?

(iii) ନିଷାଦ ଧର୍ମ କ'ଣ ?

(iv) ଆମେ ଭାରତୀୟ ପ୍ରବନ୍ଧରୁ ଆମ ସଫଳତାର 3 ଟି ଉଦାହରଣ ଲେଖ ।

**21** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେ କୌଣସି 3 ଟି ପ୍ରଶ୍ନର ଉତ୍ତର ଦିଅ : **3×7=21**

(କ) ଗଙ୍ଗା ମାତାଙ୍କ ଦାନର ଦୁରୁପଯୋଗ ଚକୁଳିଆ ପଣ୍ଡା କାହିଁକି କଲା ଓ ଏହାର ପରିଣତି କ'ଣ ହେଲା ?

(ଖ) ମଫସଲରେ ବାସ କଲେ କି କି ଅସୁବିଧା ହୁଏ ?

(ଗ) ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଲେଖକଙ୍କର ସହଯାତ୍ରୀମାନଙ୍କ ମନର ପ୍ରତିକ୍ରିୟାକୁ ଉଲ୍ଲେଖ କର ।

(ଘ) ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ କୃତକାର୍ଯ୍ୟ ହେବା ପାଇଁ ଲେଖିକା ଉତ୍କଳବାସୀଙ୍କୁ କି ପରାମର୍ଶ ଦେଇଛନ୍ତି ?

(ଙ) ଏକ ସାର୍ଥକ ଏକାଙ୍କିକା ଭାବେ 'ଦୂର ପାହାଡ଼'ର ସଫଳତା ନିର୍ଣ୍ଣୟ କର ।

**22** ଯେ କୌଣସି 2 ଟି ପ୍ରଶ୍ନର ଉତ୍ତର ଦିଅ : **6+6=12**

(କ) କଅଣ କହି ଶ୍ୱାନ ପ୍ରତିଇନ୍ଦ୍ର ଉତ୍ସର୍ଗ କରିଥିଲେ ଓ କାହିଁକି ?

(ଖ) ଯଶୋଦା କୃଷ୍ଣଙ୍କ ପାଟିରେ କ'ଣ ସବୁ ଦେଖିଲେ ?

(ଗ) କବିବର ରାଧାନାଥରାୟ ସୌନ୍ଦର୍ଯ୍ୟ ପିପାସୁ ଓ ପ୍ରକୃତ ପ୍ରେମୀ ଥିଲେ ଆଲୋଚନା କର ।

**23** 200 ଟି ଶବ୍ଦ ମଧ୍ୟରେ ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ : **10**

(i) ଦେଶ ପର୍ଯ୍ୟଟନ

(ii) ଅଂଶୁଘାତ ଓ ତା'ର ପ୍ରତିକାର

(iii) ବିଜ୍ଞାନର ଉପକାରିତା ଓ ଅପକାରିତା ।



www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

**24** ତୁମେ ପିତା ମାତାଙ୍କ ସହିତ ଦୁର ସଂପର୍କୀୟ ଏକ ପାରିବାରିକ ଉତ୍ସବରେ ଯୋଗ ଦେବାକୁ ଇଚ୍ଛୁକ । ଏଥିନିମିତ୍ତ ବିଦ୍ୟାଳୟରୁ 5 ଦିନ ଅନୁପସ୍ଥିତ ରହିବାର ଅନୁମତି ଭିକ୍ଷାକରି ପ୍ରଧାନ ଶିକ୍ଷକଙ୍କୁ ଦରଖାସ୍ତ ଲେଖ । **5**

କିମ୍ବା

ପାଠପଢ଼ା ସହିତ ଘରକାମରେ ମାଆଙ୍କୁ ସାହାଯ୍ୟ କରିବାକୁ ଉପଦେଶ ଦେଇ ସାନ ଭଉଣୀଙ୍କ ନିକଟକୁ ପତ୍ର ଲେଖ ।

**25** ଓଡ଼ିଆରେ ଅନୁବାଦ କର - **2**

(i) Morning walk is good for health.

(ii) Always sleak the truth.

---



www.FirstRanker.com